## ବ୍ୟାଟେରି ଚୋରଙ୍କୁ ପୋଲିସ ଜିମା

**ଭଦ୍ରକ ଅଫିସ:** ଭଦ୍ରକ ଟାଉନ ଥାନା ପୋଲିସ ଜଣେ ବ୍ୟାଟେରି ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗବସାହିର ଚନ୍ଦନ ଦାସ। ଏ ନେଇ ଥାନାରେ ମାମଲା (ନଂ.୧୬୮/୨୧) ରୁଜୁ ହୋଇଛି। ଗରଦପୁରର ପ୍ରଦ୍ୟୋତନ ସୁଆରଙ୍କ ଅଭିଯୋଗ କ୍ରମେ ଡାହାଣୀଗଡ଼ିଆ ଛକରେ ଥିବା ତାଙ୍କର ଏକ ଟ୍ରକ୍‌ରୁ ଚନ୍ଦନ ଚତୁରତାର ସହ ବ୍ୟାଟେରି ଚୋରି କରି ନେଇଯାଉଥିଲେ। ସେ ଚନ୍ଦନଙ୍କୁ କାବୁ କରି ଟାଉନ ପୋଲିସ ଜିମା ଦେଇଥିଲେ। ପୋଲିସ ଚନ୍ଦନଠାରୁ ବ୍ୟାଟେରି ଜବତ କରିଛି।

# ଲୁଟ୍ ହେଉଛି ଲଘୁଖଣିଜ ଦ୍ରବ୍ୟ

**ବାରିପଦା ଅଫିସ,୧୭।୪**

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥ ଲୁଟ୍ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଜାଲ ପରମିଟ୍ କିମ୍ବା ବେଆଇନ ଗଚ୍ଛିତ କରି ମାଫିଆମାନେ ଖଣିଜ ଚାଲାଣ କରୁଥିବା ବେଳେ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଲକ୍ଷ ଲକ୍ଷ ଟଙ୍କାର ଜରିମାନା କରିବା ପରିବର୍ତ୍ତେ ମାତ୍ର ସ୍ୱଳ୍ପ ଜରିମାନା କରି ବାଲି ଚାଲାଣକୁ ପ୍ରୋତ୍ସାହିତ କରାଯାଉଥିବା ନେଇ ଜିଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ, ବୁଢାବଳଙ୍ଗ ନଦୀର ଆରପଟା ବାଲି ଖାଦାନ ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୨କି.ମି. ଦୂରରେ ଅବସ୍ଥିତ। ଏହି ଖାଦାନଠାରୁ ମାତ୍ର ୨ଶହ ମିଟର ଦୂରରେ ବେଆଇନ ଭାବେ ବାଲି ଗଚ୍ଛିତ କରି ଚୋରାରେ ବିକ୍ରି କରାଯାଉଥିଲା। ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇ ତହସିଲଦାର ମମତାଜ ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଗଚ୍ଛିତ ହୋଇଥିବା ଏକ ହଜାର ସିୟୁଏମ୍ ବାଲିକୁ ମାତ୍ର ୯୫ହଜାର ଟଙ୍କା ଜରିମାନା ଓ ରେଡକ୍ରସ ବାବଦକୁ ୫ହଜାର ମିଶାଇ ଏକ ଲକ୍ଷ ଟଙ୍କା ଜରିମାନା କରିଥିଲେ। ସେହି ବାଲିକୁ ୨ମାସ ମଧ୍ୟରେ ଉଠାଇବାକୁ ତହସିଲ କାର୍ଯ୍ୟାଳୟ ଚିଠି ନଂ. ୮୫୨ ତା୭।୪।୨୧ରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଚିଠିକୁ ନକଲ କରି ଜରିମାନା କରାଯାଇଥିବା ବ୍ୟକ୍ତିଙ୍କ ସ୍ୱାକ୍ଷରରେ ଡମ୍ପର ଓ ଟ୍ରକ ଯୋଗେ ବାଲିକୁ ସ୍ଥାନାନ୍ତର ପୂର୍ବକ ବିକ୍ରି କରାଯାଉଛି। ଗୋଟିଏପଟେ ଗଚ୍ଛିତ ବାଲିରୁ ବିକ୍ରି କରାଯାଉଥିବା ବେଳେ ସେହି ସ୍ଥାନରେ ଟ୍ରାକ୍ଟର ଯୋଗେ ନଦୀରୁ ବାଲି ଉତ୍ତୋଳନ କରାଯାଇ ପୁନର୍ବାର ଗଚ୍ଛିତ କରାଯାଉଛି। ତେବେ ଦୁଇ ମାସ ମଧ୍ୟରେ ହଜାର ହଜାର ସିୟୁଏମ ବାଲିକୁ ଫାଇନ ଦର୍ଶାଇ ଲୁଟ୍ କରାଯାଉଥିବା ନେଇ ଗ୍ରାମବାସୀ ବୁଧିଆ ସିଂ, ଶିବୁ ନାଏକ, ଗଣେଶ ଟୁଡୁ ପ୍ରମୁଖ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷେ ଗରିବ ଲୋକଟି ବିଜୁ ପକ୍କା ଘର ପାଇଁ ବାଲି ନେଉଥିବା ବେଳେ ଟ୍ରାକ୍ଟରରେ ଥିବା ୩ସିୟୁଏମ ବାଲି ପ୍ରତି ୧୦ରୁ ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଉଛି। ତେବେ ଆରପଟା ସୈରାତର ପ୍ରତି ସିୟୁଏମ ବାଲିର ଦାମ ୮୫୫ ଟଙ୍କା ଥିବା ବେଳେ ଅନ୍ୟାନ୍ୟ ଜରିମାନା ସହ ୧୧ଶହ ଟଙ୍କା ରହିଛି। ବେଆଇନ ଉତ୍ତୋଳନକାରୀଙ୍କ ସହ ସଲାସୁତୁରା କରି ଗଚ୍ଛିତ ବାଲିର ପରିମାଣକୁ ଦୃଷ୍ଟିରେ ରଖିଲେ ତାହା ୧୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଅଧିକାରୀଙ୍କ ବାଲିମାଫିଆଙ୍କ କାର୍ଯ୍ୟକଳାପକୁ ନେଇ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱହାନୀ ହେଉଛି। ଏ ସମ୍ପର୍କରେ ତହସିଲଦାର ମହାରଣା କହିଛନ୍ତି, ଜବତ ବାଲିକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ନିୟମ ଅନୁଯାୟୀ ଜରିମାନା ଆଦାୟ କରାଯାଇଛି।



OFFICE OF THE TAHASILDAR, BADASAHI, MAYURBHANJ

No 852 / Date 07/04/2021

To

Sri Sanjib Kumar Bera,
S/o-Jatindra Nath Bera
At-Kandaliasole, PS-Badasahi,
Dist-Mayurbhanj

As per report of R.I. Pratappur you have staged 1000CUM (One thousand) of Sand at Arapata River Bank. Accordingly you have deposited a sum of Rs.95,000/- (Rupees Ninety Five thousand) only vide R.R. No-0237356, dt.07.04.2021 and a sum of Rs.5,000/- (Rupee Five thousand) only towards Red cross.

Hence, you are directed to shift the aforesaid sand within 2 (Two) months at your own convenience.

TAHASILDAR
Badasahi

TAHASILDAR
BADASAHI, MAYURBHANJ

Vehicle No - OR-16D-6774
Quantity - 9 Cum
Destination - Jalghora

I Sri Sanjib Kumar Bera authorised the above vehicle to lifting my Seized Sand from Arpata River Bank

12/04/2021

ତହସିଲ ପକ୍ଷରୁ କରାଯାଇଥିବା ଜରିମାନା କାଗଜ।

## ସଂକ୍ଷେପରେ

### କଲେଜ ଆଗରୁ ତମ୍ପା ନାଗ ଉଦ୍ଧାର



**ସଜନାଗଡ଼, ୧୭।୪(ଡି.ଏନ.ଏ.):** ନୀଳଗିରି କଲେଜ ସମ୍ମୁଖରେ ଶନିବାର ଅପରାହ୍ନରେ ଏକ ୫ଫୁଟ ଲମ୍ବର ତମ୍ପା ନାଗ ବୁଲୁଥିବାର ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଥିଲେ ।
ଏନେଇ ସାପ ଧରାଳୀଙ୍କୁ ଲୋକେ ଖବର ଦେଇଥିଲେ। ସାପ ଧରାଳୀ ଶୁକ ବେହେରା ଘଟଣାସ୍ଥଳରେ ପହଞ୍ଚି ତମ୍ପାନାଗକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।

### କୋଭିଡ୍ ନିୟମ ଉଲ୍ଲଂଘନ: ୨ ବ୍ୟବସାୟୀଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ,୧୭।୪:** କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୨ଫଳ ବ୍ୟବସାୟୀଙ୍କ ନାଁରେ ଭଦ୍ରକ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଶନିବାର ଅତିରିକ୍ତ ତହସିଲଦାର ମିନାକ୍ଷୀ ଦାସ ମାଜିଷ୍ଟ୍ରେଟ ଭାବେ ସହରରେ ଯାଞ୍ଚ କରୁଥିବା ସମୟରେ ବନ୍ତ ଛକ ସ୍ଥିତ ବସ୍‌ଷ୍ଟାଣ୍ଡଠାରେ ଭୋଲା କୁମାର ଚୌଧୁରୀ ଓ କିଷାନ କୁମାର ଚୌଧୁରୀ ନାମକ ଦୁଇ ଫଳ ବ୍ୟବସାୟୀ କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଥିଲା। ଜରିମାନା ଦେବା ପାଇଁ କହିବାରୁ ଦୁହେଁ ଯୁକ୍ତିତର୍କ କରିଥିଲେ ବୋଲି ଟାଉନ ଥାନାରେ ସେ ଏତଲା ଦେଇଛନ୍ତି। ଏ ନେଇ ସେମାନଙ୍କ ବିରୋଧରେ ମାମଲା(ନଂ. ୧୬୯/୨୧) ରୁଜୁ କରାଯାଇଥିବା ଥାନାଧିକାରୀ ଚନ୍ଦନ ଘଡ଼େଇ ସୂଚନା ଦେଇଛନ୍ତି।

### ମରଣାନ୍ତକ ଆକ୍ରମଣ କରି ଟଙ୍କା ଲୁଟ୍: ୨ ଗିରଫ

**ବଡବିଲ, ୧୭।୪(ସ୍ୱ.ପ୍ର):** କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ମାଟକାମବେଡା ଛକ ନିକଟରେ ଶୁକ୍ରବାର ଅମର କୁମାର ବେହୁରିଆ ବାଇକ୍ ଯୋଗେ ଡ୍ୟୁଟି ଯାଉଥିବାବେଳେ ୪ ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ୪ ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲେ। ଏ ନେଇ ସେ ବଡବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୬୪/୨୦୨୧) ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦାମୁ ହଟିଂ ଅଞ୍ଚଳର ଅନିଲ ପଣ୍ଡା ଏବଂ ଅନିଲ ପାତ୍ର। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

### ବରିଷ୍ଠ କଳାକାରଙ୍କ ପରଲୋକ

**କୁଆମରା, ୧୭।୪ (ଡି.ଏନ.ଏ.):** ମୟୂର ଆର୍ଟିଷ୍ଟ ଆସୋସିଏଶନର ସଂଯୋଜକ ବରିଷ୍ଠ କଳାକାର, ନୃତ୍ୟ ସଙ୍ଗୀତ, ଅଭିନୟ ଗୁରୁ ଜଗବନ୍ଧୁ ସାନ୍ତରା (୬୪)ଙ୍କ ଶନିବାର ସକାଳେ ପରଲୋକ ଘଟିଛି। କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ।

# ବସ୍ତା ଷ୍ଟେଶନରେ ଟ୍ରେନ୍ ରହଣି ଦାବି



ରେଳ ବ୍ୟବହାରକାରୀ ସଂଘ କର୍ମକର୍ତ୍ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରୁଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ରେଳ ବ୍ୟବହାରକାରୀ ସଂଘ

**ରୂପସା, ୧୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ରେଳଷ୍ଟେଶନରେ ଟ୍ରେନ୍ ରହଣି ହେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଏହି ଷ୍ଟେଶନରେ ରହୁଥିବା ଇଷ୍ଟକୋଷ୍ଟ ଓ ଉତ୍କଳ ଏକ୍ସପ୍ରେସ୍ ଚଳାଚଳ ହେଉଛି। ମାତ୍ର ଏଠାରେ ରହଣି ହେଉନାହିଁ। ଟ୍ରେନ୍ ରହଣି ପାଇଁ ବସ୍ତା ରେଳ ବ୍ୟବହାରକାରୀ ସଂଘର ସଭାପତି ସତ୍ୟନାରାୟଣ କର୍ଣ୍ଣାନୀଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କରୋନା ପ୍ରତିବନ୍ଧକ ଯୋଗୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଧୀରେ ଧୀରେ ଦୂରଗାମୀ ଓ ପାସେଞ୍ଜର ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି ଏବଂ ଖୁବ୍‌ଶୀଘ୍ର ବସ୍ତା ଷ୍ଟେଶନରେ ଦାବି ମୁତାବକ ଟ୍ରେନ୍ ରହଣି ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ରେଳ ବ୍ୟବହାରୀକାରୀ ସଂଘ ତରଫରୁ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଖଣି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି



ଯୁବଗୋଷ୍ଠୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ବଡ଼ବିଲ, ୧୭।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀସ୍ଥିତ ଓଏମଡି(ଓଡିଶା ମିନେରାଲ ଡେଭଲପମେଣ୍ଟ) କମ୍ପାନୀର ଖଣି କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଯୁବ ଗୋଷ୍ଠୀ ୧୦ ଦଫା ଦାବୀ ସମୂହର ଲିଖିତ ପ୍ରତିଶ୍ରୁତି ଦାବିରେ ଗତ ଗୁରୁବାର ଠାରୁ ଧାରଣାରେ ବସିଥିବାବେଳେ ଏହି ଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଏପଟେ କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେହେଁ ଲିଖିତ ପ୍ରତଶ୍ରୁତି ଦେବାକୁ ଅରାଜି ହେବାରୁ ଆଲୋଚନା ବିଫଳ ହୋଇଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀସ୍ଥିତ ଓଏମଡି କମ୍ପାନୀ ଖଣି କାର୍ଯ୍ୟାଳୟ ମୂଖ୍ୟ ଫାଟକ ସମ୍ମୁଖରେ ମା' ଠାକୁରାଣୀ କମିଟିରେ ସାମିଲ ହୋଇଥିବା ସ୍ଥାନୀୟ ଦଲକି, ବେଲକୁଣ୍ଡି, କାରା କୋହ୍ଲ, ସଡିଂଗ ବସ୍ତି,ଠାକୁରାଣୀ ଓ ମହାନ୍ତ ବସ୍ତି ଆଦି ଅଞ୍ଚଳର ଶତାଧିକ ଯୁବକ ସ୍ଥାନୀୟ ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ଧାରଣା ଦିଆଯାଇଥିଲା। କମ୍ପାନୀ ବିଜିନେସ୍ ହେଡ ସମରେଶ କୁମାର ହାଇତ୍ ଆନ୍ଦୋଳନକାରୀଙ୍କ ସହ ଶନିବାର ଆଲୋଚନା କରିଥିଲେ। ତେବେ ସେ ଲିଖିତ ପ୍ରତିଶ୍ରୁତି ଦେବାକୁ ଅରାଜି ହେବାରୁ ଆନ୍ଦୋଳନକାରୀ ଆଲୋଚନାରୁ ଉଠିଯାଇ ଧାରଣା ଜାରି ରଖିଥିବା କହିଛନ୍ତି। ଏ ନେଇ ବିଜିନେସ୍ ହେଡ ହାଇତ କହିଛନ୍ତି ଯେ, ଖଣି ଚାଲୁ ହେଲେ ସ୍ଥାନୀୟ ନିଯୁକ୍ତି ହେବ ହେଲେ ଲିଖିତ ପ୍ରତିଶ୍ରୁତି ଦେବା ସମ୍ଭବ ନୁହେଁ।

## ହାଇୱାକୁ ପଛରୁ ଧକ୍କା ଦେଲା ଅଟୋ: ୭ ଗୁରୁତର

**ପାଟଣା,୧୭।୪(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା କେନ୍ଦୁଝର ରାସ୍ତାର ଶରଧାପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ରାସ୍ତା କଡରେ ଛିଡା ହୋଇଥିବା ଏକ ବାଲି ବୋଝେଇ ହାଇୱାକୁ ପଛ ପଟୁ ଏକ ଅଟୋ ଧକ୍କା ଦେବା ଫଳରେ ଅଟୋରେ ଥିବା ୭ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଜଣେ ଦେଢ଼ ବର୍ଷର ଶିଶୁ ଅଛି। ସୂଚନା ଅନୁଯାୟୀ ପାଟଣା ବ୍ଲକ ଜଡିଚାତର ଗ୍ରାମର ଗୋଟିଏ ପରିବାର ବରଦେଖା ପାଇଁ ମୟୂରଭଞ୍ଜ ଜିଲା କରଞ୍ଜିଆ ଯାଇଥିଲେ। ବରଦେଖା ଭୋଜି ଖାଇସାରି ଫେରୁଥିବା ବେଳେ ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ଅଟୋ ଚାଳକ ଅଟୋ ଭିତରେ ଚାପି ହୋଇ ରହିଯାଇଥିଲେ। ଚାଳକଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇ ସମସ୍ତ ଗୁରୁତରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଡ୍ରାଇଭରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜିଲାପରିଷଦ ଉପନିର୍ବାଚନ ସ୍ଥଗିତ

**ରୂପସା, ୧୭।୪(ଡି.ଏନ.ଏ.)**

ବାଲେଶ୍ୱର ବସ୍ତା ନିର୍ବାଚନମଣ୍ଡଳୀ ୧୫ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି। ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ଅନୁଯାୟୀ, ଏପ୍ରିଲ ୨୮ ତାରିଖରେ ହେବାକୁ ଥିବା ଏହି ନିର୍ବାଚନ ବନ୍ଦ ହୋଇଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟର ବିଭିନ୍ନ ଜିଲାରେ ୱାର୍ଡ଼ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ପାଇଁ ହେବାକୁ ଥିବା ଉପନିର୍ବାଚନ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି।

ଏହି ଜୋନ୍‌ରେ ଉପନିର୍ବାଚନ ଲଢ଼ିବା ପାଇଁ ଜିଲା ପରିଷଦ ଆସନରେ ଭାଜପା ପକ୍ଷରୁ ଦେବାଶିଷ ମହାପାତ୍ର, ବିଜେଡି ପ୍ରାର୍ଥୀ ମହାଦେବ ଦାସ ଓ କଂଗ୍ରେସ ପ୍ରାର୍ଥୀ ସତ୍ୟନାରାୟଣ ଗୁପ୍ତା ଗତ ୫ତାରିଖରେ ନାମାଙ୍କନପତ୍ର ଦାଖଲ କରିଥିଲେ। ୩ ପ୍ରମୁଖ ଦଳ ତରଫରୁ ମଧ୍ୟ ଏହି ଆସନ ଅଧୀନ ୯ଟି ପଞ୍ଚାୟତରେ ପ୍ରଚାର ପ୍ରସାର ଆରମ୍ଭ ହୋଇଥିଲା। ନିର୍ବାଚନ ସ୍ଥଗିତ ହେବା ପରେ କର୍ମୀ, ଭୋଟର ଓ ପ୍ରାର୍ଥୀଙ୍କ ମହଲରେ ଆଶ୍ୱସ୍ତି ଦେଖିବାକୁ ମିଳିଛି। ୨୦୨୨ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଏହି ଉପନିର୍ବାଚନ ବନ୍ଦ ହେବା ଜରୁରୀ ଥିଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ନିର୍ବାଚନ ପରେ ଫଳାଫଳ ଘୋଷଣା ହେବ ନାହିଁ ବୋଲି ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ସବୁଦଳ ପକ୍ଷରୁ ନିର୍ବାଚନ ଲଢ଼ିବା ନେଇ ନୈରାଶ୍ୟଭାବ ଦେଖାଦେଇଛି।

# ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧ ଦିବସରେ ତିଳତର୍ପଣ




ବାଲିଘାଟରେ ତିଳତର୍ପଣ କରାଯାଉଛି।

**ବାଲେଶ୍ୱର ଅଫିସ, ୧୭।୪**

ବାଲେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ଶନିବାର ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଥମେ ସହରର ବାଲିଘାଟଠାରେ ଶ୍ରାଦ୍ଧଦିବସ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ପରେ ସହରସ୍ଥିତ ଫାଣ୍ଡି ଛକ ଏବଂ ଡିଆଇସି ଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲା ଉପସଭାପତି ଗୌରୀ ରାଉତ, ଜିଲା କୃଷକ ସଭାପତି ଅଜୟ ସାମଲ, ଟାଉନ ସଭାପତି ସନତ ଦାସ, ବ୍ଲକ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ମ୍ୟୁନିସିପାଲିଟି ଉପନଗରପାଳ ମନୋଜ ରାଉତ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ମିନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକଙ୍କୁ ହସ୍ତାନ୍ତର ହେଉନି କାଗଜପତ୍ର, ତେଜୁଛି ଅସନ୍ତୋଷ

## ସରସଦା ସମବାୟ ସମିତି

**ଭଣ୍ଡାରିପୋଖରୀ, ୧୭।୪ (ଡି.ଏନ.ଏ)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନ ଭଣ୍ଡାରିପୋଖରୀ ଶାଖା ସରସଦା ସମିତିର ସମ୍ପାଦକଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରାଯାଉ ନ ଥିବାରୁ ସମିତିରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ଗତ ମାର୍ଚ୍ଚରେ ଧାନ ବିକ୍ରୟକୁ ନେଇ ବିବାଦ ଦେଖାଦେବାରୁ ଏଠାରେ ଥିବା ସମ୍ପାଦକଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇ ନୂତନ ସମ୍ପାଦକ ଭାବେ ତେସିଙ୍ଗା ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇଙ୍କୁ ଉଚ୍ଚ ପଦାଧିକାରୀ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହେଲେ ପୂର୍ବତନ ସମ୍ପାଦକ ଗତ ମାର୍ଚ୍ଚ ୧୭ରୁ ଏଯାଏ ନୂତନ ସମ୍ପାଦକ ଖଣ୍ଡାଇଙ୍କୁ ସରକାରୀ ଭାବେ ସମିତିର କାଗଜପତ୍ର ଓ କୌଣସି ଦାୟିତ୍ୱ ହସ୍ତାନ୍ତର କରି ନ ଥିବା କୁହାଯାଇଛି। ଫଳରେ ସମିତିର ସଭ୍ୟମାନେ ଋଣ ବାବଦୀୟ ଅମାନତ ଓ ଅଂଶଧନର ହିସାବ ପାଇପାରୁ ନାହାନ୍ତି। ଏହାଛଡ଼ା ଲୋକେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ସମ୍ପୂର୍ଣ୍ଣ ଦାୟିତ୍ୱ ମିଳି ନ ଥିବାରୁ ଭାରପ୍ରାପ୍ତ ନୂତନ ସମ୍ପାଦକ କାର୍ଯ୍ୟ କରିବାକୁ ଠିକ୍ ମଣୁନାହାନ୍ତି। ଏ ନେଇ ସଭ୍ୟମାନେ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା କହିଛନ୍ତି। ଏ ସମ୍ପର୍କରେ ସମବାୟ ନିବନ୍ଧକ ବିକାଶ ନାୟକଙ୍କୁ ଯୋଗାଯୋଗ କରିବାରୁ ଭାରପ୍ରାପ୍ତ ସମ୍ପାଦକଙ୍କୁ କାଗଜପତ୍ର ହସ୍ତାନ୍ତର କରାଯାଇଥିବା କହିଛନ୍ତି। କିନ୍ତୁ ସମ୍ପାଦକ ଖଣ୍ଡୟୀ ତାଙ୍କୁ କୌଣସି କାଗଜପତ୍ର ହସ୍ତାନ୍ତର ହୋଇ ନ ଥିବା ପ୍ରକାଶ କରିଛନ୍ତି।

## ୪ ବଖରା ଜଳିଗଲା

**ସିମୁଳିଆ,୧୭।୪(ଡି.ଏନ.ଏ.)**

ସିମୁଳିଆ ବ୍ଲକ କ୍ଷୀରକୋଣା ପଞ୍ଚାୟତ ନରଣପୁର ଅଞ୍ଚଳରେ ଶନିବାର ମଧ୍ୟାହ୍ନରେ ବିଦ୍ୟୁତ ସଟସର୍କିଟ ଯୋଗୁ ଶରତ ମଳିକ, ଝୁମି ମଳିକ ଓ ରବୀନ୍ଦ୍ର ମଳିକଙ୍କ ୪ ବଖରା ଘର ପୋଡ଼ିଯାଇଛି। ଘଟଣାସ୍ଥଳରେ ଅଡ଼ା ଦମକଳ ପହଞ୍ଚିଥିଲା । ଦମକଳ ପହଞ୍ଚିବା ପୂର୍ବରୁ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଲୁଗାପଟା ଓ ଧାନ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀରେ ରକ୍ତଦାନ ଶିବିର

**ପାଟଣା,୧୭।୪(ସ୍ୱ. ପ୍ର.)**

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ରକ୍ତଦାନ ଶିବିର ଶନିବାର ତେଣ୍ଡେରା ଉଚ୍ଚ ବିଦ୍ୟାଳୟ ପରିସରରେ ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ରାଜ୍ୟ ବିଜେଡି ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜ, ପାଟଣା ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବରିଷ୍ଠ ବିଜେଡି ନେତା ରାହାସବିହାରୀ ପୃଷ୍ଟି, ଯୁବନେତା ମିତ୍ରଭାନୁ ମହାନ୍ତ, ପାଟଣା ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ବେହେରା, ଜିଲା ବିଜେଡି ସମ୍ପାଦକ ନିରଞ୍ଜନ ତ୍ରିପାଠୀ, ସାହାରପଡା ବ୍ଲକ ଉପାଧ୍ୟକ୍ଷା କିରଣ ବାଲା ସିଂ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବେହେରା, ସତ୍ୟା ନନ୍ଦ ବେହେରା,ସାହାରପଡା ବ୍ଲକ ଅଧ୍ୟକ୍ଷ ଗୋବିନ୍ଦ ମହାନ୍ତ ଓ ସାହାରପଡା ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କୁମାର ପୋହି ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମକୁ କେନ୍ଦୁଝର ବ୍ଲଡ୍ ବ୍ୟାଙ୍କର ଟେକ୍ନିସିଆନ ଆକ୍ଷୟ କୁମାର ସାହୁ, ଡ. ସୁମନ୍ତ କୁମାର ମିଶ୍ର, ମୋନାଲିସା ପହି ପ୍ରମୁଖ ପରିଚାଳନା କରିଥିଲେ। ମୋଟ ୬୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି।



ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଉପସ୍ଥିତ ଅତିଥି।

# ୩ ମାସ ହେଲା ଜଳସଙ୍କଟରେ ୩୫ ପରିବାର

**ଜଳେଶ୍ୱର, ୧୭।୪(ଡି.ଏନ.ଏ.)**

ଦୀର୍ଘମାସ ଧରି ବର୍ଷା ନ ଥିବାରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ପଞ୍ଚାୟତରେ ଜଳକଷ୍ଟ ଦେଖାଦେଇଛି । ଭୂତଳ ଜଳସ୍ତର ୧୦୦ଫୁଟ ତଳକୁ ଖସି ଯାଇଥିବାରୁ ପାହାଡିଆ ରାଇବଣିଆ ଅଞ୍ଚଳରେ ଜଳସଙ୍କଟ ସୃଷ୍ଟି ହୋଇଛି ।

ରାଇବଣିଆ ପଞ୍ଚାୟତର ଗଡଭିତର ସାହିରେ ପ୍ରାୟ ୩୫ ପରିବାରର ୧୫୦ ଲୋକ ବାସ କରନ୍ତି। ଆଜିକୁ ୨ ମାସ ଧରି ସେଠାରେ ଥିବା ନଳକୂପ ଅଚଳ ହୋଇଛି । ତେଣୁ ଉକ୍ତ ସାହିରେ ବାସ କରୁଥିବା ଲୋକେ ୧ କି.ମି. ଦୂରରେ ଥିବା ଅନ୍ୟ ଏକ ନଳକୂପରୁ ପାଣି ଆଣିବାକୁ ଯାଇ ବହୁତ ହଇରାଣ ହେଉଛନ୍ତି । ଏହି ପାହାଡିଆ ଅଞ୍ଚଳରେ ସମସ୍ତ ପୋଖରୀ ଶୁଖିଲା ପଡିଛି। ବହୁ ଦୂରରେ କାଦୁଅ ପାଣି ଥିବା ପୋଖରୀକୁ ଦୈନନ୍ଦିନ କାର୍ଯ୍ୟ ଲାଗି ବ୍ୟବହାର କରିବାକୁ ଲୋକେ ବାଧ ହେଉଛନ୍ତି । ନିକଟରେ ଏକ ପମ୍ପହାଉସ ଖନନ ସରିଥିବା ବେଳେ ଟ୍ରାନ୍ସଫର୍ମର ବସିଛି । ଦୀର୍ଘ ୩ ବର୍ଷ ଧରି ତାର ସଂଯୋଗ ହେଉ ନ ଥିବାରୁ ସେଠାରୁ ପାଣି ଯୋଗାଣ ହୋଇପାରୁନାହିଁ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମମତା ଘୋଷ ଓ ତାଙ୍କ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ । ଏ ସମ୍ପର୍କରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ସହକାରୀ ଯନ୍ତ୍ରୀ ଇଂ. ଅଶୋକ ମିଶ୍ରଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ପଞ୍ଚାୟତ ଦାୟିତ୍ୱରେ ରହିଛି। ତଥାପି ଜରୁରୀ ପରିସ୍ଥିତିରେ ସେଠାରେ ଥିବା ନଳକୂପକୁ ମରାମତି କିମ୍ବା ନୂତନ ନଳକୂପ ଖନନ କରିବେ ବୋଲି କହିଛନ୍ତି।

## ରାଇବଣିଆ ପଞ୍ଚାୟତ



ଗ୍ରାମବାସୀ ପାଣି ସମସ୍ୟା ସମ୍ପର୍କରେ ଅଭିଯୋଗ କରୁଛନ୍ତି।

## ମନ୍ଦିର ତାଲା ଭାଙ୍ଗି ଚୋରି

ସିମୁଳିଆ, (ଡି.ଏନ.ଏ.): ସିମୁଳିଆ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା'ଭଗିଆଣୁଣୀଙ୍କ ମନ୍ଦିର ଗ୍ରୀଲ ଓ କବାଟ ତାଲା ଭାଙ୍ଗି ଚୋରି ହୋଇଛି। ଦୁର୍ବୃତ୍ତମାନେ ମା'ଙ୍କ ଦେହରେ ଲାଗିଥିବା ୫ଠରୁ ଊର୍ଦ୍ଧ୍ୱ ସୁନା ଚିତା ସମେତ ରୂପା ନାକ, ସମେତ ମୁକୁଟ ଚୋରି କରିନେଇଛନ୍ତି। ଦାନବାକ୍ସର ତାଲା ଭାଙ୍ଗି ୨ହଜାର ଟଙ୍କା ଚୋରି ହୋଇଛି। ଭୋଗେଶ୍ୱର ମନ୍ଦିରର ତାଲା ମଧ ଭଙ୍ଗାଯାଇଥିବା ପରିଚାଳନା କମିଟି ସଭାପତି ବୈରାଗୀ ଚରଣ ଦାସ ଥାନାରେ ଅଭିଯୋଗ କରିଛନ୍ତି।



## ଆଜି କ'ଣ କେଉଁଠି

ମୟୂରଭଞ୍ଜ

- ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର। ସ୍ଥାନ: ଝାରପୋଖରିଆ ଉଚ୍ଚ ବିଦ୍ୟାଳୟ, ସାରସକଣା। ସମୟ: ସକାଳ ୮ଟା।

# କେନ୍ଦୁଝରରେ ବିକ୍ରି ହେଉନି କେନ୍ଦୁ

**କେନ୍ଦୁଝର, ୧୭।୪(ସ୍ୱ.ପ୍ର)**



ଗ୍ରାହକଙ୍କ ଅପେକ୍ଷାରେ କେନ୍ଦୁ ବ୍ୟବସାୟୀ।

ବଣପାହାଡ଼ ଘେରା କେନ୍ଦୁଝର ଜିଲାର ଅନ୍ୟତମ ମୁଖ୍ୟ ପାହାଡିଆ ଫଳ ମଧ୍ୟରେ କେନ୍ଦୁର ସ୍ଥାନ ନିଆରା। ଏହି ସୁସ୍ୱାଦୁ ଫଳ କେନ୍ଦୁଝର ଜିଲାର ନାମକୁ ସାର୍ଥକ କରୁଛି। ଖରା ଦିନରେ ଜିଲାର ବିଭିନ୍ନ ଜଙ୍ଗଲ ପାହାଡ଼ିଆ ଅଞ୍ଚଳ ତଥା ବିଲ ଖମାରରେ କେନ୍ଦୁ ପାଚିଥାଏ। କେନ୍ଦୁ ପ୍ରାକୃତିକ ପରିବେଶରେ ବଢୁଥିବାରୁ ଦେହ ପକ୍ଷେ ସ୍ୱାସ୍ଥ୍ୟକର ବୋଲି କବିରାଜ ମାନେ ମତବ୍ୟକ୍ତ କରିଛନ୍ତି। କିନ୍ତୁ ଆଜିକାଲି ଏହି ଫଳ ଦୁର୍ଲଭ।

ଏବେ ଗ୍ରାମାଞ୍ଚଳ ହାଟବଜାର ଠାରୁ ଆରମ୍ଭ କରି ସହରାଞ୍ଚଳରେ ମଧ କେନ୍ଦୁ ବିକ୍ରି ହେଉଛି। ବନବାସୀ ଜଙ୍ଗଲ ଓ ପାହାଡରୁ କେନ୍ଦୁ ତୋଳି ପାଛିଆ, ବ୍ୟାଗରେ ଆଣି ପାଖ ହାଟବଜାରରେ ବିକ୍ରି କରିଥାନ୍ତି। ଭାଗ ୨୦ ଟଙ୍କା। କିନ୍ତୁ କେନ୍ଦୁର ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ନ ଥିବା ବେଳେ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର କିମ୍ବା ଗୋଦାମ ଘର ନାହିଁ। ଏଣୁ ଅନେକ ସମୟରେ ବନବାସୀ ପ୍ରବଳ ଖରାରେ ରାସ୍ତାକଡ଼ରେ ଘଣ୍ଟା ଘଣ୍ଟା ବସି ବିକିବାକୁ ବାଧ ହୋଇଥାନ୍ତି। କେନ୍ଦୁ ବିକି ନ ପାରିଲେ ସେସବୁ ବହୁ କମ ଦାମରେ ବେପାରୀଙ୍କୁ ବିକିଥାନ୍ତି ବା ବାହାରେ ଫୋପାଡି ଘରକୁ ଫେରିଥାନ୍ତି। ଫଳରେ ପରିଶ୍ରମ ମୁତାବକ ପଇସା ପାଆନ୍ତି ନାହିଁ। ଅନେକ ସମୟରେ ଗାଡିଭଡା ବା ଖାଇବା ଖର୍ଚ୍ଚ ମଧ ପାଆନ୍ତି ନାହିଁ। କେନ୍ଦୁଝର କେନ୍ଦୁ ରାଜ୍ୟ ତଥା ରାଜ୍ୟ ବହାରର ବିଭିନ୍ନ ସହରକୁ ଚାଲାଣ ହୋଇଥାଏ । ଏଣୁ

- ସ୍ୱତନ୍ତ୍ର ବଜାର ନାହିଁ
- ରଖିବା ପାଇଁ ଗୋଦାମ ନାହିଁ

ଏହାକୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ଏହାର ଚାହିଦା ବୃଦ୍ଧି ପାଇବା ସହ ବନବାସୀମାନେ ଉଚିତ ମୂଲ୍ୟ ପାଇପାରିବେ ବୋଲି ବରିଷ୍ଠ ଅଧ୍ୟାପକ ଡକ୍ଟର ସୁମନ୍ତ୍ର ନାଏକ କହିଛନ୍ତି। କେନ୍ଦୁଝର ଜିଲାର ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ଆଦି ଆଦିବାସୀ ଅଧ୍ୟୁଷିତ ବଣପାହାଡ ଘେରା ଅଞ୍ଚଳରେ କେନ୍ଦୁ ଗଛ ରହିଛି । ଜଳବାୟୁରେ ପରିବର୍ତ୍ତନ, ଜଙ୍ଗଲରେ ନିଆଁ ଏବଂ ମୃତ୍ତିକାକ୍ଷୟ ଆଦି କାରଣରୁ ଏହାର ସଂଖ୍ୟା ହ୍ରାସ ପାଉଥିବା ବେଳେ ଏହାର ବନୀକରଣ ହେଉନାହିଁ । ସେସବୁ ସୁରକ୍ଷା କରା ନ ଗଲେ ଧୀରେ ଧୀରେ ଜଙ୍ଗଲଜାତ ଦ୍ରବ୍ୟ ଲୋପ ପାଇଯିବ ବୋଲି ମତପ୍ରକାଶ ପାଉଛି।

## ଦୁର୍ଘଟଣାରେ ଅଧ୍ୟାପକଙ୍କ ଜୀବନ ଗଲା

**କପ୍ତିପଦା, ୧୭।୪(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ବାଲେଶ୍ୱର ଗୋଲେଇ–ସୋନପୋଲ ଛକ ମଝିରେ ଥିବା ଫ୍ଲାଇଆସ ଇଟା କାରଖାନା ନିକଟରେ ଶନିବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ଅଧ୍ୟାପକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆସାହି ମହାବିଦ୍ୟାଳୟର ଯୁକ୍ତ ୩ ବାଣିଜ୍ୟ ବିଭାଗ ଅଧ୍ୟାପକ ପୁରୁଷୋତ୍ତମ ପାଣି(୪୦)। ତାଙ୍କ ଘର ବସ୍ତା ଥାନା ଅଧୀନ ବିଂଝା ଗ୍ରାମରେ। ସୂଚନା ଅନୁଯାୟୀ, ସେ କଲେଜରୁ କାମ ସାରି ଘରକୁ ଫେରୁଥିବା ବେଳେ ଟ୍ରାକ୍ଟରଟି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ସହକର୍ମୀ ଓ ସ୍ଥାନୀୟ ଲୋକେ ତାଙ୍କୁ ନେଇ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୦/୨୧) ରୁଜୁ କରି ବ୍ୟବଚ୍ଛେଦ କରାଇଛି।

## ବେଆଇନ ଲଘୁ ଖଣିଜ ଜବତ

ଚମ୍ପୁଆ, ୧୭।୪(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ରାଜସ୍ୱ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରି ବାଲି ଜବତ ସହ ଜରିମାନା ଆଦାୟ ହୋଇଛି। ଚମ୍ପୁଆ ତହସିଲଦାର ସାଇ ସସ୍ମିତା ହୋତା, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ଚମ୍ପୁଆ ପୋଲିସ ସହାୟତାରେ ଜାମୁଦଲକ ପଞ୍ଚାୟତର ମଙ୍ଗଳପୁରଠାରେ ବେଆଇନ ଭାବେ ଟ୍ରିପ ଟ୍ରିପ ବାଲି ଗଚ୍ଛିତ ଥିବା ଖବର ପାଇଥିଲେ। ଗଚ୍ଛିତକାରୀଙ୍କଠାରୁ ପ୍ରାୟ ୩୦ ହଜାର ଟଙ୍କା ଜରିମାନା ଆଦାୟ ସହ ଲାଇସେନ୍ସଧାରୀଙ୍କୁ ବାଲି ପ୍ରଦାନ କରିଥିବା ଜଣାଯାଇଛି।

## ପୋଲ କଡ଼ରେ ପଡ଼ି ଯୁବକଙ୍କ ମୃତ୍ୟୁ

ସଜନାଗଡ଼, ୧୭।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ତେଲିପାଳ ପଞ୍ଚାୟତର ନୂଆସାହି ଗ୍ରାମର ଅନନ୍ତ ମାଝିଙ୍କ ସତ୍ୟରଞ୍ଜନ (୨୭) ସାଇକେଲ ଯୋଗେ ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ଗୁଡ଼ିବଣିଆଠାରେ ହଠାତ୍ ମୁଣ୍ଡ ବୁଲାଇବାରୁ ସେ ପୋଲ କଡ଼ରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୭/୨୧) ରୁଜୁ ହୋଇଛି।

## ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତ ସଂଗ୍ରହ



ତିରୋଧାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଖଇରା/ସିମୁଳିଆ, ୧୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହାଠାରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ୨୪ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଓଡିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ବ୍ଲକ ମହିଳା ସଭାପତି ରଶ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପ୍ରହଲ୍ଲାଦ ପତିଙ୍କ ସଂଯୋଜନାରେ ସାରଡାଙ୍ଗ ୟୁପି ସ୍କୁଲ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୩୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ସିମୁଳିଆ କଲେଜ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ରାଜ୍ୟ ସଂଯୋଜକ ଅରୂପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ସେଠାରେ ମଧ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପାଣିଗ୍ରାହୀ ଯୋଗଦେଇଥିଲେ । ଜୀବନବିନ୍ଦୁର ବ୍ଲକ ସଂଯୋଜକ ଜୟନ୍ତ କୁମାର ନାୟକ, ଯୁବ ସଭାପତି ଗଦାଧର ଜେନା, କଲେଜ ଅଧ୍ୟକ୍ଷ ଶରତ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ କର୍ଯ୍ୟକର୍ତ୍ତା, ଅଧ୍ୟାପିକା, ଅଧ୍ୟକ୍ଷ ସହଯୋଗୀ ଥିଲେ । ସଂଗୃହୀତ ରକ୍ତକୁ କଟକ ବ୍ଲଡବ୍ୟାଙ୍କକୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ରକ୍ତଦାତାମାନଙ୍କ ପାଇଁ ଏକ ଆପ୍‌କୁ ପର୍ଯ୍ୟଟନ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ।

# ପଟ୍ଟା ଜମି ଦଖଲ ମିଳୁନି

**ଖଇରା, ୧୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଡଗରପଡା ପଞ୍ଚାୟତ ଅଧୀନ ନରଣପୁର ଗ୍ରାମର ଭାଗିରଥୀ ସାହୁଙ୍କୁ ଭୂମିହୀନ ପଟ୍ଟା ମିଳିବା ସତ୍ତ୍ୱେ କେତେଜଣ ଗ୍ରାମବାସୀଙ୍କ ବିରୋଧ ଯୋଗୁ ପଟ୍ଟା ମିଳିଥିବା ଜାଗାକୁ ଦଖଲ କରିପାରୁନାହାନ୍ତି। ଫଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିଛି ସତ, ଏ ପର୍ଯ୍ୟନ୍ତ ନିର୍ମାଣ କରିବା ସମ୍ଭବ ହୋଇ ପାରୁନାହିଁ । ଫେବୃୟାରୀ ୮ତାରିଖରେ ଘର ତିଆରି ନ କଲେ ଅର୍ଥ ଫେରିଯିବା ଏବଂ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଏକ ଚିଠି ମାଧ୍ୟମରେ ତାଙ୍କୁ ଚେତାବନୀ ଦିଆଯାଇଛି। ଶେଷରେ ନ୍ୟାୟ ପାଇଁ ନିକଟରେ ଭାଗିରଥୀ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

୧୯୯୭ରେ ଭାଗିରଥୀଙ୍କୁ ଖଇରା ତହସିଲ ପକ୍ଷରୁ ଭୂମିହୀନ ବାବଦକୁ ୪ ଡିସିମିଲ ଜମିର ପଟ୍ଟା ମିଳିଥିଲା । ହେଲେ ଗ୍ରାମର ୫ଜଣ ବ୍ୟକ୍ତି ଏହାକୁ ବିରୋଧ କରିବା ସହ ଭାଗିରଥୀଙ୍କୁ ଦଖଲ ନେବାରେ ବିରୋଧ କରିଥିଲେ। ଖଇରା ବ୍ଲକ ତରଫରୁ ୨୦୧୯ ମସିହା ସେପ୍ଟେମ୍ବର ୨୬ତାରିଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଭାଗିରଥୀଙ୍କ ସ୍ତ୍ରୀ ଆଶାଙ୍କ ନାମରେ ଏକ ଘର ଯୋଗାଇ ଦିଆଯାଇଥିଲା। ଉକ୍ତ ୫ଜଣ ଗ୍ରାମବାସୀ ମଧ ତାଙ୍କୁ ଉକ୍ତ ଜମିରେ ଘର ତିଆରି କରିବାକୁ ଛାଡି ନ ଥିଲେ। ଏଥିପାଇଁ ଉପଜିଲାପାଳଙ୍କୁ ସେ ଜଣାଇବା ପରେ ପତ୍ର ସଂଖ୍ୟା ୪୯୫ ତା୨/୯/୨୦ରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖଇରା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ପ୍ରଶାସନ ତାଙ୍କୁ ସହଯୋଗ କରୁ ନ ଥିବାରୁ ସେ ଘର ତିଆରିରୁ ବଞ୍ଚିତ ହେବା ସହ ଝାଟିମାଟି କୁଡିଆ ଭିତରେ ଦିନ ବିତାଉଛନ୍ତି। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ସୁବ୍ରତ ବେହେରାଙ୍କୁ ଯୋଗାଯୋଗ କରିବାରେ ପଟ୍ଟା ଦିଆଯାଇଥିବା ଜମିଟି ଗ୍ରାମଦେବତୀଙ୍କ ଜମି ହୋଇଥିବାରୁ ଗ୍ରାମବାସୀ ଏହାକୁ ଛାଡିବାକୁ ପ୍ରସ୍ତୁତ ନାହାନ୍ତି। ଏହି ଜମି ବଦଳରେ ଆରଆଇ ଅନ୍ୟ ସ୍ଥାନରେ ପଟ୍ଟା ଦେଇଥିଲେ ଭଲ ହୋଇଥାନ୍ତା ବୋଲି କହିଛନ୍ତି।

## ସଂଗ୍ରାମୀ ଆକୁଳାନନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ

ଚିତ୍ରଡ଼ା, ୧୭।୪ (ଡି.ଏନ.ଏ.)
ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାର କାକୁଡ଼ିହା ଗାଁରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ଆକୁଳାନନ୍ଦ ବେହେରାଙ୍କ ୧୨୦ତମ ଜନ୍ମବାର୍ଷିକୀ ଉତ୍ସବ ଜିଲା କୈବର୍ତ୍ତ ସେବା ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରାଙ୍କ ଆବାହକତ୍ୱରେ କୋଭିଡ୍ ନିୟମ ମାନି ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ସହ ତାଙ୍କ ସଂଗ୍ରାମୀ ଜୀବନ ଉପରେ ବର୍ଣ୍ଣନା କରାଯାଇଥିଲା। ଏହାଛଡ଼ା ଆଗାମୀ ଦିନରେ ସଂଘ ଜିଲାରେ ଥିବା କୈବର୍ତ୍ତ ଲୋକଙ୍କ ସେବା କରିବା ସହ ସ୍ୱର୍ଗତ ବେହେରାଙ୍କ ସ୍ୱପ୍ନ ସାକାର ଉପରେ କୁହାଯାଇଥିଲା। କୈବର୍ତ୍ତ ସଂଘ ସଭାପତି ହରିହର ମାଝୀ, ଉପସଭାପତି ପ୍ରଫୁଲ୍ଲ ମାଝୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଡେମୋ ଦେଖାଇ ପ୍ରଶିକ୍ଷଣ ଦେଲେ ଆଗ୍ନିକ



ଜଣେ ଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ବାହାନଗା, ୧୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଜୁଣିଆଁଠାରେ ଥବବରା କେସିଏ ପବ୍ଲିକ ସ୍କୁଲ୍ ଓ ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ କୋଭିଡ–୧୯ ଗାଇଡଲାଇନ୍ ଅନୁଯାୟୀ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ଜନଗହଳି ସ୍ଥାନରେ ଅଗ୍ନିସଂଯୋଗ ହୋଇ ଜନସାଧାରଣ ବା ବିଦ୍ୟାଳୟରେ ଛାତ୍ରୀଛାତ୍ର ବିପଦରେ ପଡିଥିଲେ ସେମାନଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେ ବିଷୟରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମକ୍‌ଡ୍ରିଲ୍ ମାଧ୍ୟମରେ ଡେମୋ ଦେଖାଇ ପ୍ରଶିକ୍ଷଣ ଦେଇଥିଲେ। ଏହାସହିତ ଅଗ୍ନି ସୁରକ୍ଷା ସଚେତନତା କରାଇଥିଲେ। ଏହି ଉପଲକ୍ଷେ ଅତିଥି ଭାବେ ସୋର ଅଗ୍ନିଶମ ବିଭାଗର ଷ୍ଟେଶନ ଅଫିସର ସନ୍ତୋଷ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ବାହାନଗା ଅଗ୍ନିଶମ ବିଭାଗର କାର୍ଯ୍ୟକାରୀ ଅଧିକାରୀ ସମ୍ଭୋନାଥ ଦାସ ଅତିଥି ଭାବେ ଯୋଗ ଦେଇ ଥିଲେ। ଆଗ୍ନିକ ରାଜେନ୍ଦ୍ର ଲେଙ୍କା, ପ୍ରଶାନ୍ତ କୁମାର କବି ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଳ୍ପ ସଂଖ୍ୟକ ଛାତ୍ରୀଛାତ୍ରମାନଙ୍କୁ ନେଇ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

## ୭ ଚୋରା ମଦ ବେପାରୀ ଗିରଫ

**ସୋର, ୧୭।୪(ଡି.ଏନ.ଏ.)**

ସୋର ଅବକାରୀ ବିଭାଗ ଓ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୪୦୦ ଲିଟରରୁ ଊର୍ଦ୍ଧ୍ୱ ଚୋରା ଦେଶୀମଦ ଜବତ କରାଯାଇଛି। ଚୋରା କାରବାରରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଚଢ଼ାଉ ବେଳେ ଗୋଟିଏ ବାଇକ୍ ଏବଂ ଗୋଟିଏ କାର୍ ଜବତ କରାଯାଇଛି।

କେନ୍ଦ୍ରୀୟ ଅବକାରୀ ଆଇଆଇସି ଜଗଦୀଶ କୁମାର ସାମଲ ନିର୍ଦ୍ଦେଶକ୍ରମେ ସ୍ୱନ୍ଦନ ମହାନ୍ତିଙ୍କ ନେତୃତ୍ୱରେ ପୂର୍ଣ୍ଣଜିତ ମହାପାତ୍ର ଓ ବସନ୍ତ ମଲ୍ଲିକ ପୁରୁଣା ବାଲେଶ୍ୱରରୁ ମଦଚାଲାଣକାରୀଙ୍କ ଉପରେ ଚଢ଼ାଉ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଚରମ୍ପା ଅଞ୍ଚଳର ମଙ୍ଗଳ ମୁର୍ମୁ, ସୋର ମୁଧୁସୂଦନପୁର ପଞ୍ଚାୟତ ରଘୁନାଥପୁର ଗଞ୍ଜାରୁ ଗଙ୍ଗାଧର ବାରିକ, ସୋର ପୌରପରିଷଦ କମରପୁରର ଗୁଡ୍ଡୁ ଯାଦବ, କୋଚିଆକୋଇଲି ଗ୍ରାମର କାର୍ତ୍ତିକ ରାଉତ, ସିମୁଳିଆ ଅନ୍ତରା ଗ୍ରାମର କୁନ୍ତଳା ଦାସ, ନଚ୍ଛିପୁର ସୁବାଷିନୀ ମହାନ୍ତି ଏବଂ ରପେୟା ଗ୍ରାମର ଭଗବାନ ଦାସ। ଅବକାରୀ ଅଧିକାରିଣୀ ସ୍ୱାତୀ ପଟ୍ଟନାୟକ ଓ ନୀଳଗିରି ଆଇଆଇସି ନାରାୟଣ ବେହେରା ଚଢାଉରେ ସାମିଲ ଥିଲେ।

## ଚମ୍ପୁଆରେ କରୋନା କଟକଣାକୁ ଫୁଁ'

**ଚମ୍ପୁଆ, ୧୭।୪(ଡି.ଏନ.ଏ)**

କରୋନା ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ସମସ୍ତଙ୍କୁ ଚିନ୍ତାରେ ପକାଇଛି। କେତେକ ସ୍ଥାନରେ କୌଣସି କଟକଣା ମାନୁ ନ ଥିବାରୁ ଏହି ସଂକ୍ରମଣ ହୁ ହୁ ହୋଇ ବଢ଼ିବାରେ ଲାଗିଛି। କେନ୍ଦୁଝର ଜିଲା ଚମ୍ପୁଆର ଦୈନିକ ବଜାର ଠାରୁ ଆରମ୍ଭ କରି ସାପ୍ତାହିକ ବଜାର ଗୁଡିକରେ କରୋନା କଟକଣା ନାହିଁ। କାଁ ଭାଁ ମାସ୍କ ଚେକିଂ କରାଯାଉଥିବା ବେଳେ ସାମାଜିକ ଦୂରତା କେବଳ କାଗଜ କଲମରେ ସୀମିତ ରହିଛି। ଲୋକେ ପୋଲିସକୁ ଦେଖି ମାସ୍କ ବ୍ୟବହାର କରୁଛନ୍ତି। ଦୋକାନ ବଜାର ଠାରୁ ଆରମ୍ଭ କରି ହୋଟେଲ ଗୁଡିକରେ ମଧ ସମ ଅବସ୍ଥା ଦେଖିବାକୁ ମିଳୁଛି। ସରକାରଙ୍କ ଗାଇଡଲାଇନ ଚମ୍ପୁଆରେ କାମ କରୁ ନାହିଁ। ପ୍ରଶାସନ ପକ୍ଷରୁ ସେପରି କଡ଼ାକଡ଼ି ଚେକିଂ ମଧ ନାହିଁ। ଚମ୍ପୁଆ ସାପ୍ତାହିକ ବଜାରରେ କୌଣସି କୋଭିଡ୍ ଗାଇଡ୍‌ଲାଇନ୍ ନାହିଁ। ଲୋକଙ୍କୁ ସତର୍କ ରହିବାକୁ ମଧ ସଚେତନ କରାଯାଉ ନାହିଁ। ଏ ନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନଙ୍କୁ ପଚାରିବାରୁ ସରକାରଙ୍କ ଗାଇଡଲାଇନ୍‌କୁ କଡ଼ାକଡ଼ି ପାଳନ କରାଯିବା ସହିତ ଆର୍‌ଏମସି ଅଧୀନରେ ଥିବା ବଜାର ହାଟ ଗୁଡିକରେ ସାମାଜିକ ଦୂରତା ଓ ମାସ୍କ ପରିଧାନକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

## ବିଜୁବାବୁଙ୍କ ତିରୋଧାନ ଦିବସ

କେନ୍ଦୁଝର:୧୭।୪ (ସ୍ୱ.ପ୍ର./ଡି.ଏନ.ଏ.): ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ଜିଲା ମୁଖ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କ ସଭାପତିତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥାନା ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ପୂର୍ବତନ ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଯୁବ ଜନତା ଦଳର ରାଜ୍ୟ ଉପସଭାପତି ସୌମ୍ୟ ଶଙ୍କର ଚକ୍ର, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନଗର ଭବନଠାରେ ରକ୍ତଦାନ ଶିବିର ହୋଇଥିଲା।

## ଚୋରା କାଠ ଜବତ

ଆନନ୍ଦପୁର,୧୭। ୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ବ୍ଲକ କରଡାପାଳ ଗ୍ରାମରୁ ଆନନ୍ଦପୁର ବନବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣରେ ଚୋରା କାଠ ଜବତ ହୋଇଛି। ଏହାର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡିଏଫଓ ଅଜିତ କୁମାର ଶତପଥିଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। ରାମଚନ୍ଦ୍ରପୁର ଥାନା କରଡାପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡିରୁ ଚୋରାକାଠ ସବୁ ଜବତ କରାଯାଇଥିଲା। ଆନନ୍ଦପୁର ଅତିରିକ୍ତ ତହସିଲଦାର ନରେନ୍ଦ୍ର ସେଠୀ ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ। ରେଞ୍ଜର ସୁରେନ୍ଦ୍ର ନାଥ ହେମ୍ବ୍ରମ, ସୁମିତ ମହାନ୍ତି, ସୁମନ ମାଝୀ, ଡେପୁଟି ରେଞ୍ଜର ମାର୍ଶାଲ କିସ୍କୁ, ଫରେଷ୍ଟର ମଳୟ ସାହୁଙ୍କ ସମେତ ଫରେଷ୍ଟଗାର୍ଡ ଏବଂ ଥାନା କର୍ମଚାରୀମାନେ ସାମିଲ ଥିଲେ।

## 'ଆଦିବାସୀ ସଂସ୍କୃତି ଜଙ୍ଗଲର ସୁରକ୍ଷା କବଚ'

**ବାରିପଦା ଅଫିସ,୧୭।୪**



ବନବାସୀଙ୍କ ସହ ଆଲୋଚନା କରାଯାଉଛି।

ଆଦିବାସୀ ସଂସ୍କୃତି ଓ ପାରମ୍ପାରିକ ବିଚାର ବ୍ୟବସ୍ଥା ହିଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ରକ୍ଷା କବଚ ବୋଲି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ସୁରକ୍ଷା ଦିଗରେ କାର୍ଯ୍ୟକରୁଥିବା ସଂଗ୍ରାମ ଅନୁଷ୍ଠାନ ଓ ଉଦଳା ବନାଞ୍ଚଳଙ୍କ ମିଳିତ ଆନୁକୂଲ୍ୟରେ ବଡ଼ଖମନ ପଞ୍ଚାୟତ ଅଧୀନ ଲାଲଖମନ ଠାରେ ଏକ ବୈଠକରେ ଶତାଧିକ ବନବାସୀ ଉପସ୍ଥିତ ଥିଲେ। ସଂଗ୍ରାମର ସମ୍ପାଦକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବାରିପଦା ବନଖଣ୍ଡର ଏସିଏଫ୍ ଦିଲ୍ଲୀପ ବାରିକ, ବନାଞ୍ଚଳ ଅଧିକାରୀ ଅରୁଣ କୁମାର ବେହେରା, ଅଧ୍ୟକ୍ଷା ସଂଯୁକ୍ତ ବସା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ମାଝିହାଡାମ, ଦେହୂରୀ, ସମିତିସଭ୍ୟ, ୱାର୍ଡସଭ୍ୟାସଭ୍ୟ, ଏସଏସଜି ଗ୍ରୁପର ମହିଳା, ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟ, ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ। ଜଙ୍ଗଲକୁ ସୁରକ୍ଷା ଦିଗରେ ନିଆଯାଇଥିବା ପଦକ୍ଷେପ ଓ ସରକାରଙ୍କ ପକ୍ଷରୁ ଅଞ୍ଚଳବାସୀଙ୍କ ଜୀବନଜୀବିକା ନିମନ୍ତେ ଦିଆଯାଉଥିବା ପଦକ୍ଷେପକୁ ଆଲୋଚନା କରାଯାଇଛି। ହୁଡିସାହି ଗ୍ରାମର ମାଝି ହାଡାମ ଜୟ ମୁର୍ମୁ ଓ ଶରତ ଅଞ୍ଚଳର ମାଝିବାବା ଶୈଳେନ୍ଦ୍ର ହେମ୍ବ୍ରମ ଯୋଗଦେଇ ଜଙ୍ଗଲ ଓ ଆଦିବାସୀ କିପରି ଜଙ୍ଗଲ ସହିତ ଓତଃପ୍ରୋତ ଭାବେ ଜଡିତ ସେ ସମ୍ପର୍କରେ ଆଲୋଚନା କରିଛନ୍ତି।

## ପରିବା, ମାଛ ମାର୍କେଟ ବନ୍ଦ: ଗ୍ରାହକ ହଇରାଣ

**ବାସୁଦେବପୁର, ୧୭।୪(ଡି.ଏନ.ଏ.)**

କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରେ ଦୋକାନଗୁଡ଼ିକରେ ଗହଳି କମାଇବା ଓ କୋଭିଡ୍ ନିୟମ ପାଳନ ନେଇ ଦୋକାନୀମାନଙ୍କୁ ପୂର୍ବରୁ ଅବଗତ କରାଇଥିଲା ପ୍ରଶାସନ। ହେଲେ ଶନିବାରଠାରୁ ବାସୁଦେବପୁର ମାର୍କେଟରେ ମାଛ ଓ ପରିବାର ଦୋକାନୀମାନେ ଦୋକାନ ବନ୍ଦ କରି ଦେଇଛନ୍ତି। ଶନିବାର ଦିନତମାମ ଦୋକାନଗୁଡ଼ିକ ବନ୍ଦ ରହିବାରୁ ଗ୍ରାହକମନେ ହଇରାଣ ହୋଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବାସୁଦେବପୁର ସହରର ଅସ୍ଥାୟୀ ପରିବା ଓ ମାଛ ଦୋକାନ ଯାଦବ ପଡ଼ିଆଠାରେ ଖୋଲିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହି ପଡ଼ିଆ ମାର୍କେଟଠାରୁ ଦୂର ହେଉଥିବା ବେଳେ ପ୍ରଚଣ୍ଡ ଖରାରେ ଦୋକାନୀମାନେ ଖୋଲାପଡ଼ିଆରେ ଅସ୍ଥାୟୀ ଦୋକାନ ଖୋଲିବାକୁ ରାଜି ହେଉନାହାନ୍ତି। ପ୍ରଶାସନ ପକ୍ଷରୁ ସେଠାରେ କୌଣସି ବିଶେଷ ବ୍ୟବସ୍ଥା କରାଯାଇ ନ ଥିବା ଯୋଗୁ ସେମାନେ ଦୋକାନ ବସାଇବା ପାଇଁ ଅରାଜି ହେଉଛନ୍ତି। ପ୍ରଶାସନର ଏହି ନିଷ୍ପତ୍ତିକୁ ବ୍ୟବସାୟୀମାନେ ନାପସନ୍ଦ କରିବା ସହ ଉକ୍ତ ନିର୍ଦ୍ଦେଶନାମା ବଦଳା ନ ଯିବା ପର୍ଯ୍ୟନ୍ତ ପରିବା ଓ ମାଛ ଦୋକାନ ବନ୍ଦ ରଖିବେ ବୋଲି ଦୋକାନୀମାନେ ପ୍ରକାଶ କରିଛନ୍ତି। ତେବେ କୋଭିଡ୍ ସମୟରେ ପ୍ରଶାସନ ଓ ବ୍ୟବସାୟୀ ମଧ୍ୟରେ ସମନ୍ୱୟ ଅଭାବ ଖାଉଟିଙ୍କୁ ଅସୁବିଧାରେ ପକାଇଛି ବୋଲି କୁହାଯାଇଛି।




